ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୯ ଅକ୍ଟୋବର, ୨୦୧୭ ଗୁରୁବାର

ସମସ୍ୟା

ଜବରଦଖଲରେ ଖଳିସାହି ଦଶଦୋଳ ଯାତ୍ରା ପଡ଼ିଆ

ଏକ୍ସପ୍ରେସ୍ ନ୍ୟୁଜ୍

ଖଣ୍ଡପଡ଼ା ବ୍ଲକ୍ ଖଳିସାହି ଦଶଦୋଳ ଯାତ୍ରାପଡ଼ିଆ ଉପରେ ଏବେ କେତେକ ଦଲାଲ ଓ ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି । ଉକ୍ତ ପଡ଼ିଆକୁ ଜବରଦଖଲ କରି ରଖିବା ନିମନ୍ତେ ସ୍ଥାନୀୟ ଅଞ୍ଚଳର କେତେକ ଅସାମାଜିକ ବ୍ୟକ୍ତି ଯାତ୍ରା ପଡ଼ିଆର ବିଭିନ୍ନ ସ୍ଥାନରେ କାଠକିଳା ଓ ପଥର ପୋତି ନିଜ ଅକ୍ତିଆରକୁ ନେବା ପାଇଁ ଉଦ୍ୟମ ଜାରି ରଖିଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । ଏପରିକି ଉକ୍ତ ଯାତ୍ରା ପଡ଼ିଆ ମଧ ଦେଇ ଯାଇଥିବା ଏକ ପାଦଚଲା ଅସ୍ଥାୟୀ ରାସ୍ତାକୁ ଜବରଦଖଲକାରୀମାନେ କଣ୍ଟାବାଡ଼ ପକାଇ ବନ୍ଦ କରିଦେଇଥିବା ଅଭିଯୋଗ ହେଉଛି । ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ନିକଟ ଭବିଷ୍ୟତରେ ଉକ୍ତ ଯାତ୍ରା ପଡ଼ିଆ ଜବରଦଖଲକୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ଦେଖାଦେଇଛି । ଜବଦଖଲ କାରୀଙ୍କ କାର୍ଯ୍ୟକଳାପ ସମ୍ପର୍କରେ ପଞ୍ଚାୟତବାସୀ ଖଣ୍ଡପଡ଼ା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରକାଶ ଥାଉକି ରାଜରାଜୁଡ଼ା ଅମଳରୁ ଖଳିସାହି ଦଶଦୋଳ ଯାତ୍ରା ପଡ଼ିଆରେ ପ୍ରତିବର୍ଷ ଦଶଦୋଳ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେଉଥିଲା । ଜବରଦଖଲକାରୀଙ୍କ କବ୍‌ଜାରୁ ଖଳିସାହି ଯାତ୍ରା ପଡ଼ିଆକୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି । ଏଥିପ୍ରତି ଖଣ୍ଡପଡ଼ା ତହସିଲଦାର ଓ ନୟାଗଡ଼ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଖଣ୍ଡପଡ଼ା ତହସିଲଦାର ଅନୀତା ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି ।

ରାଶିଫଳ ତା ୧୯.୧୦.୧୭

ଗୁରୁବାର - ଅମାବାସ୍ୟା
ନକ୍ଷତ୍ର - ହସ୍ତା, କନ୍ୟା

ମେଷ : ସୁଖ ସୁବିଧାଯୁକ୍ତ ରହିବ । ଭ୍ରମଣ ଲାଭ ଦାୟକ । ସଜ୍ଜା ଏବଂ ରୁପ ଚର୍ଯ୍ୟାରେ ସମୟ ବିତେଇବେ ।

ବୃଷ : ସାହାଯ୍ୟ କରି ନିନ୍ଦିତ ହେବେ । ଲୋକ ସମର୍ଥନ ପାଇ ଆନନ୍ଦିତ ହେବେ । ସୁସ୍ୱାଦ ଖାଦ୍ୟ ଖାଇବେ ।

ମିଥୁନ : ଧନ ବୃଦ୍ଧି ପାଇଁ ବୁଦ୍ଧି କୌଶଳ ଅବଲମ୍ବନ କରି ସଫଳ କାମ ହେବେ । ଶତ୍ରୁ ସଂଖ୍ୟା ହ୍ରାସ ପାଇବ ।

କର୍କଟ : ସୁଖକାରକ ରହିବ । ଅର୍ଥାଗମର ସୂଚନା । ବ୍ୟବସାୟରେ ଆଶାଜନକ ପରିଣାମ ପାଇବେ ।

ସିଂହ : ଅଚାନକ ଧନ ଲାଭ ହେବ । ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ଦେଖାଦେବ । ମୋଟରଯାନରେ ସାବଧାନତା ଲୋଡା

କନ୍ୟା : ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ସମ୍ପର୍କ ବଢିବ । କୌଣସି ଶୁଭ ଖବର ପାଇ ମନୋବଳ କୁଣ୍ଠେମୋଟ ହୋଇଯିବ ।

ତୁଳା : ଲାଭ ଏବଂ ସୁଖ୍ୟାତି ଆଣିଦେବ । ଚାକିରି ଜୀବୀମାନେ ପଦୋନ୍ନତିର ପ୍ରାକ ସୂଚନା ପାଇବେ ।

ବିଛା : ଅଚାନକ ଅର୍ଥପ୍ରାପ୍ତି । ଯୌଥ କାରବାରରେ ଆଶାଜନକ ପରିଣାମ ପାଇବେ ।

ଧନୁ : ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେବ । କୌଣସି ଖବର ପାଇ ମାନସିକ ଅଶାନ୍ତି ବଢିଯିବ ।

ମକର : ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବୃଦ୍ଧି ହେବ । ମନ ସ୍ୱଚ୍ଛ ଓ ହୃଦୟ ପବିତ୍ର ରହିବ ।

କୁମ୍ଭ : ଧନ ବୃଦ୍ଧି ପାଇଁ ଚେଷ୍ଟା କରିବେ । ସଫଳ କାମୀ ହେବେ । ଆପଣଙ୍କ କଥା ଭାଷାରେ ଅନ୍ୟମାନେ ପ୍ରଭାବିତ ହେବେ ।

ମୀନ : ବେପାର ବାଣିଜ୍ୟ କ୍ଷେତ୍ରରେ ଅଧିକ ଲାଭ ପାଇବା ପାଇଁ ନୂତନ ବୁଦ୍ଧି କୌଶଳ ଅବଲମ୍ବନ କରିବେ ।

ଅପହରଣ କରି ୨ ଲକ୍ଷ ଦାବି

କୋର୍ଟଙ୍କ ଆଶ୍ରୟ ନେଲେ ଅପହୃତ

ଯାଜପୁର : ଏକ୍ସପ୍ରେସ୍ ନ୍ୟୁଜ୍

ଯାଜପୁର ସହର ନିକଟବର୍ତ୍ତୀ ଅବଦଲପୁର ଗ୍ରାମର ଜନୈକ ଯୁବକକୁ ଅପହରଣ କରି ପରେ ଛାଡିଦେବା ପରେ ଅପହୃତ ଯୁବକ ଯାଜପୁର ଏସ୍‌ଡିଜେଏମ୍ କୋର୍ଟଙ୍କ ଆଶ୍ରୟ ନେଇଛନ୍ତି । ଯାଜପୁର ଥାନା ଅନ୍ତର୍ଗତ ଅବଦଲପୁର ଗ୍ରାମର ଲୋକନାଥ ସାହୁଙ୍କ ପୁଅ ବିଶ୍ୱନାଥ ସାହୁ(୩୪)ଙ୍କୁ ବାହାବଳପୁର ଗ୍ରାମର ପତିତପାବନ ରଣା ଓ ତାଙ୍କର ବାପାଙ୍କ ସହ ବିନ୍ଧାଣ ଗ୍ରାମର କୃଷ୍ଣଚନ୍ଦ୍ର ରାଉତ, ରାଧାଶ୍ୟାମ ରାଉତ ଓ ଜନ୍ମେଜୟ ମହାନ୍ତି ମିଳିତ ଭାବେ ଗତ ୧୪ ତାରିଖ ଦିନ ବିରଜା ରିଂରୋଡ ମସ୍‌ଜିଦ୍ ପାଖରେ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ହଠାତ୍ ୨ଟି ଗାଡିରେ ଅଭିଯୁକ୍ତମାନେ ବିଶ୍ୱନାଥଙ୍କ ଗାଡିକୁ ଅଟକାଇ ଜୋରଜବରଦସ୍ତ ବିଶ୍ୱନାଥଙ୍କୁ ବାଲିପାଟଣା ଗ୍ରାମ ପର୍ଯ୍ୟନ୍ତ ନେଇଯାଇଥିଲେ । ସେଠାରୁ ପୂର୍ବରୁ ପ୍ରସ୍ତୁତ ଥିବା ଏକ ବୋଲେରୋ ଯୋଗେ ବାରବାଟି ପରିବା ମାର୍କେଟ ପାଖରେ ଥିବା ଏକ ପରିତ୍ୟକ୍ତ ଘରକୁ ନେଇ ଅଭିଯୁକ୍ତମାନେ ବିଶ୍ୱନାଥଙ୍କୁ ମାରଣାନ୍ତକ ଆକ୍ରମଣ କରିଥିଲେ । ପରେ ୨ଲକ୍ଷ ଟଙ୍କା ଦେବାପାଇଁ ଉକ୍ତ ସ୍ଥାନରୁ ବିଶ୍ୱନାଥଙ୍କ ଭଉଣୀଙ୍କୁ ଫୋନ୍ ଯୋଗେ ଦାବି କରିଥିଲେ । ଏ ସଂପର୍କରେ ବିଶ୍ୱନାଥଙ୍କ ଭଉଣୀ ନିରୁପମା ଯାଜପୁର ଥାନାରେ ଆସି ଅଭିଯୋଗ କରିଥିଲେ । ମାତ୍ର ପୋଲିସ କୁଆଖିଆ ଥାନାରେ ଜଣାଇବା ପାଇଁ କହିବା ପରେ ଫେରିଯାଇଥିଲେ । ପରେ ଅଭିଯୁକ୍ତମାନେ ବିଶ୍ୱନାଥଙ୍କୁ ବୁଢ଼ାଘାଟ ପୋଲ ପାଖରେ ବେହୋସ୍ ଅବସ୍ଥାରେ ପକାଇ ପଳାଇଥିଲେ । ବିଶ୍ୱନାଥ ଏ ସଂପର୍କରେ ୧୫ ତାରିଖ ଦିନ ଯାଜପୁର ଥାନାରେ ଜଣାଇଥିଲେ ମଧ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଯାଜପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ଯାଜପୁର ଥାନା ଅଧିକାରୀଙ୍କୁ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଟ୍ରେନ୍‌ରେ କଟି ବୃଦ୍ଧଙ୍କ ମୃତ୍ୟୁ

ବ୍ରହ୍ମପୁର
ଏକ୍ସପ୍ରେସ୍ ନ୍ୟୁଜ୍

ରେଳଧାରଣା ପାର ହେବା ବେଳେ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତ ବୃଦ୍ଧ ଜଣକ ଲାଞ୍ଜିପଲ୍ଲୀର ହରିଆ ବେହେରା (୬୦) । ଶବ ଜବତ କରି ପୋଲିସ ଏକ ଅପମୃତ୍ୟୁ ମାମଲା (୭୦/୧୭) ରୁଜୁ କରିଛି । ଆଙ୍କୁଲି ଓଭରବ୍ରିଜ୍ ତଳ ଦେଇ ଯାଇଥିବା ରେଳ ଧାରଣାରେ ଜଣେ ବ୍ୟକ୍ତି ମରିପଡ଼ିଥିବା ପୋଲିସ ଖବର ପାଇଥିଲା । ପୋଲିସ୍ ପହଞ୍ଚି ଶବ ଜବତ କରିବା ସହ ତା'ର ପରିଚୟ ସ୍ପଷ୍ଟ କରିଥିଲା । ଭୁବନେଶ୍ୱର ବିଶାଖା ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍‌ରେ କଟି ବୃଦ୍ଧଜଣଙ୍କର ମୃତ୍ୟୁ ଘଟିଥିବା ପୋଲିସ ଜାଣିବାକୁ ପାଇଛି ।

ବାରମ୍ବାର ବିଦ୍ୟୁତ୍ କାଟକୁ ବିରୋଧ କରି ବିକ୍ଷୋଭ

ବାଙ୍ଗିରିପୋଷି
ଏକ୍ସପ୍ରେସ୍ ନ୍ୟୁଜ୍

ବାଙ୍ଗିରିପୋଷି ୨୮ ନଂ ମଣ୍ଡଳ ବିଜେପି ତରଫରୁ ବିପର୍ଯ୍ୟସ୍ତ ବିଦ୍ୟୁତ ସେବା ସହିତ ୯ ଦଫା ଦାବିନେଇ ହରତାଳ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମଣ୍ଡଳ ସଭାପତି ଦୋଳ ଗୋବିନ୍ଦ ବେହେରାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ଜିଲ୍ଲା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଛୋଟଲାଲ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ହେଗେଡ଼ା, ଜିଲ୍ଲା ଉପସଭାପତି ପୁରୁଷୋତ୍ତମ ନାଏକ, ଜିଲ୍ଲା ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଗଦା ମୁର୍ମୁ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି କୌଶଲ୍ୟା ନାଏକଙ୍କ ସହ ଶତାଧିକ ବିଜେପି କର୍ମୀ ଏଥିରେ ଯୋଗ ଦେଇଥିଲେ । ବକ୍ତାମାନେ ରାଜ୍ୟ ସରକାରଙ୍କ ବିଫଳତା, ବିପର୍ଯ୍ୟସ୍ତ ବିଦ୍ୟୁତ ଓ ସ୍ୱାସ୍ଥ୍ୟସେବା, ଶିକ୍ଷା ତଥା ଅନ୍ୟାନ୍ୟ ଆଞ୍ଚଳିକ ଅସୁବିଧା ଉପରେ ଆଲୋକପାତ କରିଥିଲେ । ଶେଷରେ ବାଙ୍ଗିରିପୋଷି ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଚିରଞ୍ଜିତ ସାହୁଙ୍କ ଦୁର୍ବ୍ୟବହାର ଓ ଧମକ ସମ୍ପର୍କରେ ବାଙ୍ଗିରିପୋଷି ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କୁ ଦଳ ତରଫରୁ ଏକ ଏତଲା ଦିଆ ଯାଇଥିଲା ।

ସରକାରୀ ସହାୟତା ଅପେକ୍ଷାରେ ଶତାୟୁ ବୃଦ୍ଧା

ଧର୍ମଗଡ଼ : ଏକ୍ସପ୍ରେସ୍ ନ୍ୟୁଜ୍

ବୟସର ଅପରାହ୍ନରେ ପହଞ୍ଚି ଥିବା ବୃଦ୍ଧ ବୃଦ୍ଧାଙ୍କ ପାଇଁ ରାଜ୍ୟ ସରକାର ୩୦୦ ବଦଳରେ ୫୦୦ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଦେବା ଯୋଜନା କରିଛନ୍ତି । ଆଧାର ପଞ୍ଜୀକରଣ ନହେବା ଯୋଗୁଁ ଏହି ଯୋଜନା ପାଇବାରୁ ବଞ୍ଚିତ ହୋଇଛନ୍ତି ବୃଦ୍ଧା । ୧୦୦ ବର୍ଷରେ ପଦାର୍ପଣ କରିଥିବା ବୃଦ୍ଧା ଏବେ ହଟହଟା । ଏମିତି ଏକ ଘଟଣା ନଜରକୁ ଆସିଛି କଳାହାଣ୍ଡି ଜିଲ୍ଲା ଦୁନ୍ଦେଲମାଲ ପଞ୍ଚାୟତ ବୋରଗୁଡା ଗାଁରୁ । ବୋରଗୁଡା ଗାଁର କ୍ଷୀର ନାଏକ (୧୦୫) । ଏହି ବୃଦ୍ଧା ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୫୦୦ ଟଙ୍କା ବଦଳରେ ୩୦୦ ଟଙ୍କା ପାଉଥିବା ଅଭିଯୋଗ ହୋଇଛି । ସରକାରଙ୍କ ନୂଆ ପେନସନ ନୀତି ଅନୁସାରେ ୮୦ବର୍ଷ ବୟସ ଅତିକ୍ରାନ୍ତ କରିଥିବା ବୃଦ୍ଧ ବୃଦ୍ଧାଙ୍କୁ ୫୦୦ ଟଙ୍କା ମିଳିବା କଥା । ତାହାବି ଆଧାର କାର୍ଡ ବାଧ୍ୟତାମୂଳକ । କ୍ଷୀର ନାଏକଙ୍କ ସମସ୍ୟା ନେଇ ୱାର୍ଡ ମେମ୍ବରଠାରୁ ସରପଞ୍ଚ ଓ ଗ୍ରାମବାସୀ ଅନେକ ଥର ବିଡିଓଙ୍କୁ ଜଣାଇଲେଣି । ହେଲେ ଏହି ଯୋଜନା ତାଙ୍କ ପକ୍ଷେ ସମ୍ଭବ ହେଉନି । ଅନ୍ୟପକ୍ଷରେ କ୍ଷୀରଙ୍କୁ ଖୁବଶୀଘ୍ର ସୁବିଧା ଯୋଗାଇ ଦିଆଯିବ ବୋଲି ଜୁନାଗଡ ବିଡିଓ କହିଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଅନେକ ବୃଦ୍ଧବୃଦ୍ଧା ୫୦୦ଟଙ୍କା ଭତ୍ତା ପାଇପାରିବେ ।

ବୁଡ଼ିବାକୁ ବସିଲାଣି ହସ୍ତତନ୍ତ ଶିଳ୍ପ

ଧର୍ମଗଡ଼ : ଏକ୍ସପ୍ରେସ୍ ନ୍ୟୁଜ୍

ସରକାରୀ ପ୍ରୋତ୍ସାହନ ଅଭାବ ସାଙ୍ଗକୁ ମିଳୁନି ସୂତା । ଫଳରେ ଏବେ ଲୋପ ପାଇବାକୁ ବସିଛି ହସ୍ତତନ୍ତ ଶିଳ୍ପ । କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକର ହସ୍ତତନ୍ତ ଶିଳ୍ପ ଗାଁ କହିଲେ ଜୟନ୍ତପୁର ଗାଁ । ଗାଁରେ ରହିଛନ୍ତି ୪୦ରୁ ଊର୍ଦ୍ଧ୍ୱ ହସ୍ତତନ୍ତ ବୁଣାକାର । ଦିନ ଥିଲା ହସ୍ତତନ୍ତରେ ସମଗ୍ର ଜିଲ୍ଲାରେ ନାଁ ଥିଲା ଏହି ଗାଁର । ସମବାୟ ସମିତି ଜରିଆରେ ଏକାଠି ୨୨ରୁ ଅଧିକ ବୁଣାକାର ଏକାଠି ଲୁଗା ବୁଣି ଦୁଇ ପଇସା ରୋଜଗାର କରୁଥିଲେ । ଏବେ କିନ୍ତୁ ସମବାୟ ସମିତି ଭାଙ୍ଗି ଯାଇଥିବା ବେଳେ ପଡ଼ୋଶୀ ଛତିଶଗଡରୁ ସୂତା ଆଣି ଲୁଗା ବୁଣିବା କାଠିକର ପାଠ ବୋଲି ଅଭିଯୋଗ ହୋଇଛି । ସରକାରୀ ପ୍ରୋତ୍ସାହନ ଅଭାବ ସାଙ୍ଗକୁ ସମବାୟ ସମିତି ଗୃହ ନଥିବା ଏହି ଗାଁର ଲୋକେ ନିଜ ନିଜ ଘରେ ଲୁଗା ବୁଣୁଥିବା ବେଳେ ନିଜ ସମସ୍ୟା ନେଇ ଅନେକ ଥର ସ୍ଥାନୀୟ ପ୍ରଶାସନକୁ ଜଣାଇ ନୟାନ୍ତ ହେଲେଣି । ସେମାନଙ୍କ ସମସ୍ୟାକୁ ପଚାରେ କିଏ । ଫଳରେ ନିଜର ଜୀବନ ଜିବିକାକୁ ଛାଡି ଲୋକେ ରାଜ୍ୟ ବାହାରକୁ ଦାଦନ ଖଟିଯିବା ହିଁ ସାର ହୋଇଛି । ଏପରି ସ୍ଥଳେ ସରକାର ହିଁ ଏକମାତ୍ର ସାହାଭରସା ବୋଲି ଗ୍ରାମବାସୀ କହିଛନ୍ତି ।

ଦିଗହରା ସର୍ବଶିକ୍ଷା ଅଭିଯାନ

ଧର୍ମଗଡ଼
ଏକ୍ସପ୍ରେସ୍ ନ୍ୟୁଜ୍

କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଭାଲୁଚୁଆଁ ଗ୍ରାମରେ ସର୍ବଶିକ୍ଷା ଅଭିଯାନ ଦିଗହରା ହୋଇପଡ଼ିଛି । ଆଦିବାସୀ ଅଧୁଷିତ ଏହି ଗାଁରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ନିମନ୍ତେ ରହିଛି ଏକ ପ୍ରାଥମିକ ବିଦ୍ୟାଳୟ । ଏଠାରେ ୧ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୮୬ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଶ୍ରେଣୀ ଗୃହ ଅଭାବ ସାଙ୍ଗକୁ ଜଣେ ଶିକ୍ଷକ ଥିବା ଯୋଗୁଁ ଶିକ୍ଷା ଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି । ଅନଗ୍ରସର ଦଣ୍ଡପାଟ କହୁଥିବା ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସ୍ଥାନୀୟ ସରପଞ୍ଚ ଠାରୁ ଅଭିଭାବକ ଅନେକଥର ଶିକ୍ଷା ବିଭାଗ ସ୍ଥାନୀୟ ପ୍ରଶାସନକୁ ଲିଖିତ ଜଣାଇଥିଲେ ବି ପ୍ରଶାସନ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି । ଭାଲୁଚୁଆଁ ପ୍ରାଥମିକ ବିଦ୍ୟାଳୟରେ ସମୁଦାୟ ୩ଟି ଶ୍ରେଣୀଗୃହ ଥିବା ବେଳେ ଗୋଟିଏ ପରିତ୍ୟକ୍ତ ଅବସ୍ଥାରେ ଓ ଅନ୍ୟଟି ଅର୍ଦ୍ଧନିର୍ମିତ, ପୁଣି ଛାତରୁ ପାଣି ଗଳୁଥିବା କହିଛନ୍ତି । ସରକାରଙ୍କ ସବୁ ଶିକ୍ଷା ଯୋଜନା କଳାହାଣ୍ଡି ଜିଲ୍ଲାରେ ଫେଲ ମାରିଛି । କେଉଁଠି ୨୦ଜଣ ଛାତ୍ରଛାତ୍ରୀକୁ ୪ଜଣ ଶିକ୍ଷକ ତ ଆଉ କେଉଁଠି ୧୦୦ପିଲାକୁ ଜଣେ ଶିକ୍ଷକ ଅଛନ୍ତି । ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

ବାଣ ଫୁଟି ଯୁବକ ଗୁରୁତର

ଜଗତସିଂହପୁର : ଏକ୍ସପ୍ରେସ୍ ନ୍ୟୁଜ୍

ଜଗତସିଂହପୁର ପୌରପରିଷଦ ଠାକୁର ପାଟଣା ଗ୍ରାମର ଡମ ସାହିରେ ଗଣେଶ ଜେନା(୩୩) ନାମକ ଜଣେ ଯୁବକ ଘରେ ତାଳ ଫୋଟକା ଭିଡୁ ଥିବା ବେଳେ ବିସ୍ଫୋରଣ ଘଟି ତାଙ୍କ ଶରୀର ପୋଡି ଫୋଟକା ହୋଇ ଗୁରୁତର ହୋଇ ପଡିଛନ୍ତି । ପରିବାର ଲୋକେ ତାଙ୍କୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇ ଆସିଥିଲେ । ହେଲେ ଚିକିତ୍ସାଳୟରେ ଗଣେଶଙ୍କ ପୋଡା ଜଳା ସମ୍ଭାଳି ନପାରି ମେଡିକାଲ ପରିସରରେ ଘୂରି ବୁଲୁଥିବା ଦେଖିବାକୁ ମିଳିଥିଲା । କୌଣସି ସୂତ୍ରରୁ ଗଣେଶ ପୋଲିସ କେସ୍ ହେବା ଭୟ ପାଇ ମେଡିକାଲ ଛାଡି ପଳାଇ ଯାଇଥିବା ଦେଖିବାକୁ ମିଳିଥିଲା । ଗଣେଶ ନିଜ ଘରେ ବାଣ ଭିଡୁଥିବା ସମୟରେ ବିଦ୍ୟୁତ୍ ଚାଲି ଯାଇଥିଲା । ସେ ସେହି ଘରେ ଏକ ଡିବିରେ ନିଆଁ ଲଗାଇବାକୁ ଯାଇ ଡିବି ନିକଟରେ ଥିବା ବାଣ ଓ ବାରୁଦ ସଂସ୍ପର୍ଶରେ ଆସି ବିସ୍ଫୋରଣ ହୋଇଥିଲା ।

କୋଇଲା ପରିବହନ ଲାଗି ବିକଳ୍ପ ରାସ୍ତାକୁ ବିରୋଧ

ଝାରସୁଗୁଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍

ରୋଡସେଲ୍ କୋଇଲା ପରିବହନରେ ନିୟୋଜିତ ହୋଇଥିବା କୋଇଲା ଟ୍ରକ୍ ଓ ଭାରୀଯାନ ଚଳାଚଳାକୁ ନେଇ ବେଲପାହାଡ–ଗୁମାଡେରା ରାସ୍ତା ନିଷିଦ୍ଧ ହେବା ପରେ ଟ୍ରକ୍ ମାଲିକ ସଂଘ ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛି । ବନ୍ଧବାହାଲସ୍ଥିତ ମା' ସମଲେଇ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ପୁଞ୍ଜିପଥର ରାସ୍ତାରେ ଉଭୟପଟୁ କୋଇଲା ବୋଝେଇ ଏବଂ ଖାଲି ଟ୍ରକ୍ ଚଳାଚଳ ସମ୍ଭବ ନୁହେଁ ବୋଲି ଯୁକ୍ତି କରାଯାଇଛି । ବେଲପାହାଡ ରିଂରୋଡ ନିର୍ମାଣ ନହେବାଯାଏ ସେମାନଙ୍କୁ ଖାଲି ଟ୍ରକ୍ ପୂର୍ବଭଳି ଗୁମାଡେରା ଦେଇ ବେଲପାହାଡ ଫାଟକ ରାସ୍ତାରେ ଚଳାଚଳ ଅନୁମତି ମିଳୁ ବୋଲି ଦାବି କରିଛନ୍ତି । ହେଲେ ଏହି ଦାବି ପରେ ଜିଲ୍ଲା ପ୍ରଶାସନର ଆଭିମୁଖ୍ୟ ଜଣାପଡି ନାହିଁ । ଏମ୍‌ସିଏଲ୍ ଲଖନପୁର କ୍ଷେତ୍ରରୁ ରୋଡ୍‌ସେଲ କୋଇଲା ପରିବହନକୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟା ଦେଖା ଦେଇଥିବା ବେଳେ ଗତ ୧୩ ତାରିଖ ପତ୍ରସଂଖ୍ୟା ୩୦୫୪ରେ ଜିଲ୍ଲା ପ୍ରଶାସନ ଦେଇଥିବା ବେଳେ ଗତ ୧୩ ତାରିଖ ପତ୍ର ସଂଖ୍ୟା ୩୦୫୪ରେ ଜିଲ୍ଲାପାଳ ପ୍ରଶାସନ ଦେଇଥିବା ନିର୍ଦ୍ଦେଶାଳୟ ଯୋଗୁଁ ରୋଡ୍‌ସେଲ କୋଇଲା ପରିବହନରେ ଆଗକୁ ଅନେକ ବାଧା ସୃଷ୍ଟି ହେବ ବୋଲି ସଂଘ ଆଶଙ୍କା ବ୍ୟକ୍ତ କରିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଂଘ ସଭାପତି ଅଖିଳ ସ୍ୱାଇଁ, ସନ୍ତୋଷ ମହାନ୍ତି ପ୍ରମୁଖ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ ।

କସମ୍ ଆପ୍‌କୁ ବିରୋଧ କରି ଶୋଭାଯାତ୍ରା

ରାଇକିଆ
ଏକ୍ସପ୍ରେସ୍ ନ୍ୟୁଜ୍

କନ୍ଧମାଳ ଜିଲ୍ଲାସ୍ତରୀୟ ଶିକ୍ଷକ ମହାସଂଘର ନିଷ୍ପତ୍ତି କ୍ରମେ ଜିଲ୍ଲାର ପ୍ରତି ବ୍ଲକରେ ଜିଲ୍ଲା ପ୍ରଶାସନର କସମ ଆପ୍ କାର୍ଯ୍ୟକାରୀ ବନ୍ଦ କରିବା ବିରୋଧରେ ସୋମବାର ରାଇକିଆ ବ୍ଲକ ଶିକ୍ଷକ ସଂଘ ତରଫରୁ ଏକ ଶୋଭାଯାତ୍ରା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମ କରିଥିଲା । ଜିଲ୍ଲା ପ୍ରଶାସନ ମୋବାଇଲ ଆପ୍ ମାଧମରେ ବିଦ୍ୟାଳୟଗୁଡିକରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଠିକ୍ ସମୟ ମଧ୍ୟରେ ଉପସ୍ଥାନ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ମଧ୍ୟାହ୍ନଭୋଜନ ତଦାରଖ ଠିକ୍ ରୂପେ କାର୍ଯ୍ୟକାରୀ ହୋଇପାରିବ । ଶିକ୍ଷକ ସଂଘର ଦାବି ଏହାକୁ ରାଜ୍ୟର ସମସ୍ତ ଜିଲ୍ଲା ଏବଂ ବ୍ଲକରେ ଏହା କାର୍ଯ୍ୟକାରୀ କରିବା ନିମନ୍ତେ ସ୍ୱାଗତ କରାଯିବ ନଚେତ ବିରୋଧ ଜାରି ରହିବ । ସରକାରଙ୍କ ସମସ୍ତ ବିଭାଗରେ ଏହି ଆପ୍ କାର୍ଯ୍ୟକାରୀ କରାଯିବାକୁ ଦାବି ହୋଇଛି । ରାଇକିଆ ଶିକ୍ଷକ ସଂଘ ସଭାପତି ଅନିଲ କୁମାର ଦିଗାଲ ଏବଂ ବ୍ଲକ ପ୍ରାଥମିକ ଶିକ୍ଷକ ୟୁନିୟନ ସଭାପତି ରାଜୁ ନାୟକଙ୍କ ନେତୃତ୍ୱରେ ଶିକ୍ଷକ, ଶିକ୍ଷୟିତ୍ରୀମାନେ ରାଲିରେ ଯୋଗ ଦେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରଦାନ କରିଥିଲେ । ଆଗାମୀ ୧୮ରେ ବ୍ଲକର ସମସ୍ତ ବିଦ୍ୟାଳୟ ବନ୍ଦ କରି ଜିଲ୍ଲାସ୍ତରୀୟ ଶୋଭାଯାତ୍ରାରେ ଯୋଗଦେବା ପାଇଁ ନିଷ୍ପତ୍ତି ହୋଇଥିଲା ।

ହାତୀ ଆକ୍ରମଣରେ ଜଣେ ଗୁରୁତର

ସୋର : ଏକ୍ସପ୍ରେସ୍ ନ୍ୟୁଜ୍

ସୋର ବ୍ଲକ ଦେବଗିରି ପାହାଡ଼ ନିକଟବର୍ତ୍ତୀ ସିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି । ଏହି ଗ୍ରାମର ମଙ୍ଗଳ ନାୟକଙ୍କ ପୁତ୍ର ଗିରିଧାରୀ (୪୫) ଧାନ ଫସଲ ଜଗିଥିବା ବେଳେ ହାତୀ ଆକ୍ରମଣ କରିଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସୂଚନାଯୋଗ୍ୟ ଧାନ ଫସଲ ଖାଇବା ପାଇଁ ହାତୀପଲ ପାହାଡ଼ିଆ ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ପଶି ବ୍ୟାପକ କ୍ଷତି ଘଟାଉଛନ୍ତି ।

ମନରେଗା ପାଉଣା ପାଇଁ ବିଡିଓଙ୍କ ଦ୍ୱାରସ୍ଥ ଶ୍ରମିକ

ନୂଆପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍

ମନରେଗା ଯୋଜନାରେ କାମ କରି ଶ୍ରମିକମାନେ ବର୍ଷେ ହେଲା ପାରିଶ୍ରମିକ ପାଇନାହାନ୍ତି । ଏନେଇ ଶ୍ରମିକମାନେ ନୂଆପଡ଼ା ବିଡିଓଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଜିଲ୍ଲା ସଦର ବ୍ଲକ କୁଲିଆବନ୍ଧା ପଞ୍ଚାୟତରେ ଶବରପଡା, ଡୁମେରପଡା ଓ ଭାନପୁରର ଶ୍ରମିକମାନେ ୨୦୧୫–୧୬ରେ ସିମେଲଛକ ଠାରୁ ଡୁମେରପଡା ରାସ୍ତା ଉନ୍ନତୀକରଣ କାର୍ଯ୍ୟରେ ମାଟି କାମ କରିଥିଲେ । ଏହି କାମ ପାଇଁ ୯ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ଏଥିରେ କାମ କରିଥିବା ଅନେକ ଶ୍ରମିକଙ୍କୁ ଏଯାଏ ପାରିଶ୍ରମିକ ମିଳିପାରି ନାହିଁ । ଏହାର ତଦନ୍ତ କରି ତୁରନ୍ତ ମଜୁରି ପଇଠ ନ କରାଗଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଦେଓଲାଲ ଶବର, ପର୍ଶୁରାମ ଶବର, ଟିକେଲାଲ ରଣା, ସୀତାରାମ ମାଝୀ, ଲେଖୁରୁ ଶବର, ବୀରସିଂ ଶବର, ଜହଲ ବରିହା, ସ୍ୱଛନ ଶବର, ସଂକୀର୍ତ୍ତନ ଶବର, ତୁଳୁଆ ଶବର, ଦୁକାଲୁ ଶବର, ସେତରାମ ମାଝୀ, କାନ୍ତି ରଣା, ସାଧୁ ରଣା ପ୍ରମୁଖ ବିଡିଓଙ୍କୁ ଭେଟି ଗୁହାରି କରିଥିଲେ ।

କଟକ : ଦୀପାବଳି ପାଇଁ ଦୋକାନରେ ଦୀପ ବିକ୍ରି

ଜିଲ୍ଲା ପୂର୍ତ୍ତ ବିଭାଗର ଦୁର୍ନୀତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ରଘୁନାଥପୁର
ଏକ୍ସପ୍ରେସ୍ ନ୍ୟୁଜ୍

ରଘୁନାଥପୁର ଅଞ୍ଚଳରେ ଥିବା ପୂର୍ତ୍ତ ବିଭାଗ ରାସ୍ତା ଯଥା ଜଗତସିଂହପୁର ସିର୍ଲୋ ନୂଆଗାଁ ରାସ୍ତାର ୫କିମିଠାରୁ ୧୩କି.ମି ଓ କଟକ–ପାରାଦ୍ୱୀପ ରାସ୍ତାର ଜଇପୁର ଛକଠାରୁ ଗଡମା(ମାଣପୁର) ପର୍ଯ୍ୟନ୍ତ ରାସ୍ତାରେ ମିଥ୍ୟା ବିଲ୍ କରାଇ ଯନ୍ତ୍ରୀ ଠିକାଦାର ୩ବର୍ଷ ମଧ୍ୟରେ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମିଥ୍ୟା ବିଲ୍ କରାଇ ନେଇଥିବା ଅଭିଯୋଗ ହୋଇଛି । ଏହି ନିମ୍ନ ଅଭିଯୋଗକାରୀମାନେ ସୂଚନା ଅଧିକାର ଆଇନ ବଳରେ ପୂର୍ତ୍ତ ବିଭାଗରୁ ହାସଲ କରିଥିବା ତଥ୍ୟ ଅନୁସାରେ ଜାଣି ପାରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି । ପ୍ରକାଶ ଥାଉକି ଫକିରପଡା ସବ୍‌ଡିଭିଜନର ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କ ଅଧୀନରେ ମରାମତି ତଥା ନିର୍ମାଣ କାମ ହୋଇଥାଏ । ଏହି ରାସ୍ତା ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଞ୍ଜିନିୟର ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ରଘୁନାଥପୁର ଅଞ୍ଚଳର ନିର୍ଦ୍ଦିଷ୍ଟ ୩ ଜଣ ଠିକାଦାରଙ୍କ ଦ୍ୱାରା ମିଥ୍ୟା ବିଲ୍ ପ୍ରସ୍ତୁତ କରାଇ ସରକାରୀ ଅର୍ଥ ଲୁଟ୍ କରିଥିବା, ବିନା ଟେଣ୍ଡରରେ ଏହି ରାସ୍ତାକୁ ନିଜର ଦୁଇ ଘନିଷ୍ଠ ଠିକାଦାରଙ୍କ ନାମରେ ଦେଢକୋଟିରୁ ଅଧିକ ଟଙ୍କାର ମିଥ୍ୟା ବିଲ୍ କରାଇ ନିଆଯାଇଥିବା ବେଳେ ଅନ୍ୟ ଜଣେ ଠିକାଦାରଙ୍କ ନାମରେ ଷାଠିଏ ଲକ୍ଷରୁ ଊର୍ଦ୍ଧ୍ୱ ତାଳିପକା କାମର ମିଥ୍ୟା ବିଲ୍ ହୋଇଛି ବୋଲି ଅଭିଯୋଗ ହୋଇଛି । ସେହିପରି ସିର୍ଲୋ ନୂଆଗାଁ ସମ୍ପୂର୍ଣ୍ଣ ରାସ୍ତା, ବସନ୍ତପୁର, କଣ୍ଟିଆର, ଜଇପୁର ସେକ୍ସନ ଅଫିସ୍ କ୍ୱାର୍ଟର ଓ ଡାକବଙ୍ଗଳା ମରାମତି ହିସାବକୁ ନିଆଗଲେ ୩ବର୍ଷ ମଧ୍ୟରେ ୬କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଲ୍ କରାଯାଇଛି । ଅଭିଯୋଗକାରୀଙ୍କ ମଧ୍ୟରୁ ମୁଖ୍ୟତଃ ସରୋଜ କୁମାର ପଟ୍ଟନାୟକ, ପ୍ରେମାନନ୍ଦ ନାୟକ, ପ୍ରିୟରଞ୍ଜନ ସାହାଣୀ, ପ୍ରଦୀପ୍ତ ସାହୁ, ଦୁର୍ଯ୍ୟୋଧନ ଖୁଣ୍ଟିଆ, ହରେକୃଷ୍ଣ ମାହାଲାଙ୍କ ସହିତ ୩୦ଜଣ ସ୍ୱାକ୍ଷରରେ ଏକ ଅଭିଯୋଗ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି । ଏହାର ଅବିକଳ ନକଲକୁ ୱାର୍କ ସେକ୍ରେଟାରୀ ଓଡିଶା, ଚିଫ୍ ଇଞ୍ଜିନିୟର (ଆର୍ ଆଣ୍ଡ ବି) ଏବଂ ଜିଲ୍ଲାପାଳ ଓ ଜଗତସିଂହପୁର ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଏହାର ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଅଭିଯୋଗକାରୀମାନେ ଉଚ୍ଚନ୍ୟାୟଳୟଙ୍କ ଆଶ୍ରୟ ନେବେ ବୋଲି ଏହି ଅଭିଯୋଗରେ ଦର୍ଶାଇଛନ୍ତି ।

କିର୍ମିରାରେ କଂଗ୍ରେସର ବିଶାଳ ଚାଷୀ ସମାବେଶ

ଚାଷୀ ସମସ୍ୟା ତୁରନ୍ତ ସମାଧାନ କର

ଝାରସୁଗୁଡ଼ା
ଏକ୍ସପ୍ରେସ୍ ନ୍ୟୁଜ୍

ଆହାର ଯୋଗାଉଥିବା ଚାଷୀଙ୍କୁ ଉପେକ୍ଷା କରାଯାଉଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀ ମାରଣନୀତି ଅବଲମ୍ବନ କରୁଛନ୍ତି । ଚାଷୀଙ୍କ ସମସ୍ୟା ତୁରନ୍ତ ସମାଧାନ ନକଲେ ପରିସ୍ଥିତି ଅସମ୍ଭାଳ ହେବ । କିର୍ମିରା ବ୍ଲକରେ କଂଗ୍ରେସ ବିଶାଳ ଚାଷୀ ସମାବେଶରେ ଜିଲ୍ଲା କ୍ଷେତ ମଜଦୁର କଂଗ୍ରେସ ସଭାପତି ଜଗନ୍ନାଥ ଜେନା ଏହା କହିଛନ୍ତି ଜିଲ୍ଲା କଂଗ୍ରେସ ପକ୍ଷରୁ କିର୍ମିରା ବ୍ଲକରେ ବିଶାଳ ଚାଷୀ ସମାବେଶ ଓ ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅର୍ଡା ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଶ୍ରୀ ଜେନା ଯୋଗଦେଇ ଚାଷୀ ମାରଣନୀତିକୁ ବିରୋଧ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ବିଭିନ୍ନ ପଞ୍ଚାୟତରୁ ଆସିଥିବା ଚାଷୀ ତାଙ୍କ ସମସ୍ୟା ଏବଂ ସରକାରୀ ଅବହେଳା ବିଷୟରେ କହିଥିଲେ । ପରେ ଚାଷୀ ଆଣିଥିବା ପୋକରା ଏବଂ ଅର୍ଦ୍ଧପକ୍ୱ ଧାନ କେଣ୍ଡା ନେଇ ବିଡିଓ ରୀତା ଡାଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଫସଲ ନଷ୍ଟ ଯୋଗୁଁ ପ୍ରତ୍ୟେକ ଚାଷୀଙ୍କୁ ଏକର ପିଛା ୧୦ ହଜାର ଟଙ୍କାର ସହାୟତା କୃଷି ଋଣ ଛାଡ ଏବଂ ଧାନର ସହାୟକ ମୂଲ୍ୟ ଉପରେ ୫୦୦ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବାକୁ ଦାବି କରାଯାଇଛି । ସମାବେଶକୁ ସରୋଜ ନାୟକ ପରିଚାଳନା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ଚାଷୀ ଶଣତ ପଟେଲ, ଭବାନୀ ସାହୁ, ତପି ମରେଇଙ୍କ ସମେତ ପ୍ରାୟ ହଜାର ଚାଷୀ ଯୋଗ ଦେଇଥିଲେ ।